# ପେଟେଣ୍ଟ ମେଡିସିନ୍

ସାଆନ୍ତାଣୀଙ୍କର ଟାଣୁଆ ହୁକୁମ ଜାରି, ରାତି ତ ରାତି, ଦିନବେଳେ ବି ବାବୁ ଘରୁ ଗୋଡ଼ କାଢ଼ି କାହିଁ ଯାଇପାରିବେ ନାହିଁ । "କିଆଁ ଯିବ ? କଣ ଲୋଡ଼ା ? ଯାହା କରିବାକୁ ହେବ, ଘରେ ବସି କର । ଲେଖ, ପଢ଼ । ଖବରଦାର, ବାହାରକୁ ବାହାରିବ ନାହିଁ ।" ବାବୁଙ୍କ ନିହାତି କୁହାବୋଲା ଆକୁଳ ବିକଳରେ ହୁକୁମ ହୋଇଛି – ସଖାଳେ ପା ଘଣ୍ଟା ଲାଗି ଦାଣ୍ଡଦୁଆର ପାଖ ସଡ଼କରେ ବୁଲିପାରିବେ । ତା' ବି ବହୁତ ଦୂରକୁ ଯାଇପାରିବେ ନାହିଁ, କବାଟ ଫାଙ୍କବାଟେ ଅନାଇଲେ ଯେମନ୍ତ ଦିଶୁଥିବେ ।

ସଖାଳ ସାତଟା ଅନ୍ଦାଜ ବେଳ ହେବ, ବାବୁ ଚନ୍ଦ୍ରମଣି ପଟ୍ଟନାୟକେ ଦାଣ୍ଡଦୁଆର ଆଗ ସଡ଼କରେ ବୁଲୁଛନ୍ତି । ହଠାତ୍ ଅନାଇଦେଇ ଦେଖିଲେ, ଚାରି ପାଞ୍ଚଶ କଦମ ଦୂରରେ ଗୋଟିଏ ଲୋକ ଛିଡ଼ା ହୋଇ ତାଙ୍କୁ ଏକ ଧ୍ୟାନରେ ଅନାଇଛି । ବାବୁଙ୍କ ନଜର ତା ଉପରେ ଯିମିତି ପଡ଼ିଛି, ସେ ହାତ ଠାରି ଡାକିଲା । ବାବୁ ଭଲକରି ଅନାଇ ଦେଖିଲେ, 'ଓହୋ, ଏ ତ ସେହି ଭଦରଖିଆ ଟୋକାରେ' ମନ ମଧ୍ୟରେ ଭାରି ଖୁସିଟାଏ ହେଲେ । ପାଖକୁ ଆସିବା ଲାଗି ହାତ ଠାରିଦେଲେ, ଆପେ ବି ଆପଣା ଦୁଆରକୁ ଅନାଇ ଅନାଇ ଅଳ୍ପ ଅଳ୍ପ ଆଗେଇ ଯାଉଥାନ୍ତି । ଯିମିତି ସେ ଟୋକାର ପାଖ ପାଖ ହେଲେ, ଦୁଆର ଆଡ଼କୁ ମୁହଁ କରି ପଛରୁ ଡେବିରି ହାତଟା ବଢ଼େଇଦେଲେ । ଟୋକାଟା ବାବୁଙ୍କ ହାତରେ ଚିଠି ଖଣ୍ଡେ ଜାକିଦେଇ ଝଟ ଲେଉଟି ପଡ଼ି ଚାଲିଗଲା । ବାବୁ ଚିଠିଖଣ୍ଡ ମୁଠେଇ ଧରିଥାନ୍ତି, ତେତେବେଳେ ପଢ଼ିଲେ ନାହିଁ, ଦୁଆର ପାଖିଆ ଆସି ଭଲକରି କବାଟ ଫାଙ୍କକୁ ଅନେଇଲେ । ଚିଠି ଖଣ୍ଡ ପଢ଼ି ଟିକି ଟିକି କରି ଛିଣ୍ଡେଇ ପକେଇ ପବନରେ ଉଡ଼େଇଦେଲେ ।

ଘର ଭିତରକୁ ଆସି ଖୁବ୍ ସ୍ନେହରେ ଖୁବ୍ କଅଁଳରେ ଡାକିଲେ, 'ଆଗୋ ! ଆଗୋ ! ଶୁଣୁଛ ନା – ଟିକିଏ ଶୁଣିଗଲ ।' ଘର ଭିତରୁ ଗୋଟାଏ ଭାରୀ ଚଢ଼ା ଗଳା ଶୁଭିଲା, "ଓହୋ ! ଆଜି ଯେ ଭାରି ପ୍ରେମ ଡାକ । କଥା କଣ ? ମୋର ତ ଭାରି କପାଳ ଦେଖୁଛି । କଣ କହୁଛ କୁହ ।"

ବାବୁ କହିଲେ – ଶୁଣୁଛ ଆଜିକି ଚାରିଦିନ ହେଲା ରୋଜ ରୋଜ ରାତିରେ ମୋ ମୁଣ୍ଡ ବୁଲାଏ – ପେଟ ବି ଟାଣେ । ଦେହ ବଡ଼ ଝିମ୍ ଝିମ୍ କରେ, ବଡ଼ କଷ୍ଟ ହୁଏ – ଭାରି କଷ୍ଟ ।

ସାଆନ୍ତାଣି କହିଲେ – ହେଇ ହେଲା, ଆହୁରି ଗୋଟିଏ କ' ଣ ପ୍ରେମ ବାହାରିଲାଣି । ସେଇ ଯେ ଗଞ୍ଜେଇ-ମଦ-ମଦତ- ନିଆଁ ପାଉଁଶ ନିଶାଗୁଡ଼ାକ ଖାଇଥିଲ, ତାହାରି ଫିସାଦ । ନିଶାଗୁଡ଼ାକର କଣ ଊଣା ଗୁଣ ? ପୃଥ୍ୱୀଯାକ ବେମାରି ଦେହରେ । ଏଣେ ତିନି ତିନି ଜାଗା ଚାକିରି ହେଲା, ଗଲା । ଲୋକେ କେତେ ଛି ଛାକର କରୁଛନ୍ତି, କେତେ ଟଙ୍କା ବରବାଦ କରିଦେଲ । ଗଲା, ଯାଉ ଚାକିରି, ଯାଉ ଟଙ୍କା, ଯାହା ହେବାର ତ ହୋଇଗଲା; ଏଣିକି ଦିହଟା ଭଲା ସୁଧୁରିଯାଉ । ଚାରିମାସ କାଳ ଜଗି ଜଗି ଟିକିଏ ଭଲ କରିଥିଲି; ନିଶାଗୁଡ଼ାକ ଛାଡ଼ିବାରୁ ଟିକିଏ ଭଲ ଥିଲ – ପୁଣି ତାହାରି କଣ ପୁରୁଣା ଫିସାଦଟାଏ ବାହାରିଲାଣି ? ଚନ୍ଦ୍ରମଣିବାବୁ କହିଲେ – ନାହିଁ ଗୋ ନାହିଁ – ସେ କଥା ନୁହେଁ ଯେ, ଆଜି ସଖାଳେ ମାଧବଚାର୍ଯ୍ୟ ଖଡ଼ିରତ୍ନଙ୍କ ସାଙ୍ଗରେ ଭେଟ ହୋଇଥିଲା । ସେ ମୋ କୋଷ୍ଠୀ ଗଣି କହିଲେ, ମୋର କକଡ଼ା ରାଶିକୁ ବିଛାରାଶି ଶନିସପ୍ତା ହୋଇଛି । ଏଇଟା ତାହାରି ଫିସାଦ, କିଛି ପୁଣ୍ୟକାର୍ଯ୍ୟ କରିଦେଲେ ସବୁ ଦୋଷ କଟିଯିବ ।

ସାଆନ୍ତାଣୀ – କଣ ପୁଣ୍ୟକାର୍ଯ୍ୟ କରିବାକୁ ଖଡ଼ିରତ୍ନେ କହିଗଲେ ?

ଚନ୍ଦ୍ରମଣି – ମୁଁ ତିନିଦିନ ଲାଗି ଯାଇ ଭୁବନେଶ୍ୱର, ଖଣ୍ଡଗିରି, ଉଦୟଗିରିରେ ଯେତେ ମହାଦେବ ଅଛନ୍ତି, ସମସ୍ତଙ୍କୁ ଦର୍ଶନ କରିବି, କିଛି ଟଙ୍କା ଘେନି ଯାଇଥିବି, ବ୍ରହ୍ମଣମାନଙ୍କୁ ଦେଲେ ସେମାନେ ଶହେ ମାଠିଆ, ନା ନା, ହଜାରେ କୁମ୍ଭ- ନାହିଁ ନାହିଁ ସହସ୍ର କୁମ୍ଭ ପୂଜା କରିବେ; ସବୁ ଦୋଷ, ସବୁ ଗ୍ରହ ଅବଳ ଏକାବେଳକେ କଟିଯିବ । ଦେହ ଖୁବ୍ ଆଚ୍ଛା ହୋଇଯିବ, ଆଉ ନିଶାଫିଶା ଖାଇବାକୁ ମନ ବଳିବ ନାହିଁ ।

ସାଆନ୍ତାଣୀଙ୍କ ମନକୁ ଟିକିଏ କିମିତିକା ଧୋକା ଛୁଇଁଲା । କହିଲେ, "ଖଡ଼ିରତ୍ନେ ଆସିଥିଲେ, କାହିଁ ମୁଁ ଶୁଣିଲି ନାହିଁ ।"

ବାବୁ କହିଲେ – ନାହିଁ ନାହିଁ ସେ ଆସିନାହାନ୍ତି; ତାଙ୍କ ପୁଅ ଆସିଥିଲା ।

ସାଆନ୍ତାଣୀ – ତାଙ୍କର ପୁଣି ପୁଅଟାଏ କାହୁଁ ଅଇଲା ?

ବାବୁ – ଓ, ନାହିଁ ନାହିଁ; ତାଙ୍କର ଚାକର ହାତରେ କହି ପଠାଇଥିଲେ ।

ସାଆନ୍ତାଣୀ ବାବୁଙ୍କ ମୁହଁକୁ ଭଲକରି ଅନାଇଲେ, ମନରେ କଲେ ଏ ସବୁ ମିଛକଥା, ତିନିଦିନ ଲାଗି ଯାଇ କେଉଁଠି ମତୁଆଲାମାନଙ୍କ ସାଙ୍ଗରେ ପଡ଼ି ମଦ ଖାଇବେ, ନୋହିଲେ ତେଲଙ୍ଗାବଜାର କାହା ଓଳିରେ ପଡ଼ିବେ । କେତେ ମୁସ୍କିଲରେ ଟିକିଏ ଭଲ ବାଟକୁ ଆଣିଛି, ନଜରରୁ ଉହାଡ଼ ହେଲେ କ' ଣ ବୋଲି କ' ଣ କରି ପକାଇବେ । ଖୁବ୍ ଗୋଟାଏ ପାଟି କରି କହିଲେ, "ନାହିଁ ନାହିଁ, ତୁମେ ଭୁବନେଶ୍ୱର ଫୁବନେଶ୍ୱର କାହିଁ ଯାଇପାରିବ ନାହିଁ, ଘରେ ବସିଥାଅ ।"

ବାବୁ କହିଲେ – ହଁ, ସତ-ସତ, ଠିକ୍ କହିଲ, କୁଆଡ଼େ ତିନିଦିନ ଯାଏ ଯିବି ? ଆଚ୍ଛା ମୁଁ ଉଛୁଣି ଯାଉଛି, ଧବଳେଶ୍ୱର ମହାଦେବଙ୍କୁ ଦର୍ଶନ କରି ସଞ୍ଜ ସଞ୍ଜ ଲେଉଟି ଆସିବି ।

ସାଆନ୍ତାଣୀ – ନା-ନା, ତାହା ବି ହେବ ନାହିଁ ।

ବାବୁ – ଆଚ୍ଛା ନ ହେଲା ନାହିଁ, ଗୋଟାକେତେ ଟଙ୍କା ଦେଲ, କଟକସହର ଭିତରେ ଯେତେ ମହାଦେବ ଅଛନ୍ତି, ପୂଜାକରି ବାହାରି ଆସେ ।

ସାଆନ୍ତାଣୀ – ଆଚ୍ଛା ମକ୍ରାକୁ କହ, ଗୋଟାଏ ବଗି ଡାକିଆଣୁ, ଦୁହେଁ ଯାଇ ଠାକୁର ଦର୍ଶନ କରିବା, ପୂଜା ଦେବା । ବାବୁ ନିଃଶ୍ୱାସଟିଏ ପକାଇ ଚାଲିଗଲେ । ଗୋଟାଏ ଜାଗାରେ ବସି ଟିକିଏ ଚିନ୍ତା କଲେ । ଆରେ ! ଭଲ ଫିକରଟାଏ ମନରେ ପଡ଼ିଗଲା । ବାହାବା ! ଆଚ୍ଛା କଥା । "ଆଗୋ ! ଶୁଣୁଛ ? ମୋ ଦେହଟା ବି ଭଲ ନାହିଁ, ବାରଆଡ଼େ ବୁଲିଲେ ଫେର୍ କିଛି ଗୋଟାଏ ବେମାର ବାହାରି ପଡ଼ିପାରେ । ଖଡ଼ିରତ୍ନେ ଏ କଥା ବି କହିଛନ୍ତି, କୁଆଡ଼େ ନ ଯାଇ ମହାଦେବଙ୍କୁ ଧାରଣା କଲେ ସବୁ ରୋଗ ଛାଡ଼ିଯିବ ।"

ସାଆନ୍ତାଣୀ – ସେ ଧାରଣା କି ରକମ ?

ବାବୁ – ରକମ କଣ କି, ଜ୍ୟୋତିଷେ କହିଛନ୍ତି; ପୂରା ପାଞ୍ଚ ପହର କାଳ-ଧର-ପାଞ୍ଚ ପହର ହେଲେ ଏତେବେଳୁ ରାତି ନ' ଟାଯାଏ, ଖଣ୍ଡେ ବଡ଼ କମ୍ବଳ ଘୋଡ଼ି ହୋଇ ମୁହଁମାଡ଼ି ଲମ୍ବ ହୋଇ ଶୋଇପଡ଼ିବି । ଆଉ କିଛି କଥା ମନରେ ନ କରି ପୃଥିବୀରେ ଯେତେ ଠାକୁର ଦେବତା ଅଛନ୍ତି ସମସ୍ତଙ୍କୁ ଧ୍ୟାନ କରୁଥିବି ।

ସାଆନ୍ତାଣୀ କହିଲେ- ତାହାହେଲେ ସବୁ ଗ୍ରହ ଅବଳ କଟିଯିବ ତ ?

ବାବୁ ମନ ମଧରେ ଖୁସିଟାଏ ହୋଇ କହିଲେ – ହଁ ହଁ, ଖଡ଼ିରତ୍ନେ କହିଛନ୍ତି ବିଲକୁଲ ଗ୍ରହ ଅବଳ କଟିଯିବ । ସେ ଆହୁରି ବି ଗୋଟାଏ କଥା ବାରମ୍ବାର କରି କହି ଦେଇଛନ୍ତି । ଦଶଟି ଟଙ୍କା ଠାକୁରଙ୍କ ନାମରେ ମନାସି ମୁଣ୍ଡତଳେ ଦେଇଥିବି, ମାସକ ବାଦ୍ ଦେହ ଭଲ ହୋଇଗଲେ ସେଇ ଟଙ୍କାରେ ଠାକୁରପୂଜା ଆଉ ବ୍ରାହ୍ମଣ ବୈଷ୍ଣବଙ୍କୁ ଭୋଜନ ଦିଆଯିବ ।

ସାଆନ୍ତାଣୀ – ଆଜି କ' ଣ କିଛି ଖାଇବ ନାହିଁ ।

ବାବୁ – ରାମ ! ରାମ ! ଠାକୁର ଦେବତା ଧ୍ୟାନବେଳେ କିଛି କ' ଣ ଖା' ନ୍ତି ? ଦିନଯାକ ଖାଡ଼ା ଓପାସ । ଟୋପାଏ ପାଣି ବି ନା ।

ସାଆନ୍ତାଣୀ ନିଃଶ୍ୱାସଟାଏ ପକାଇ କହିଲେ – ଆଚ୍ଛା ତେବେ ଧାରଣା ଦିଅ ।

ବାବୁ କହିଲେ – ଆଉ ଗୋଟିଏ କଥା, ଧାରଣା ଘର ମଧରେ ହେବ ନାହିଁ, ପବିତ୍ର ଥାନ ଲୋଡ଼ା । ଘରେ ଆଇଁଷ ରନ୍ଧାଯାଏ – ଧୂଆଁ ବୁଲି ଅପବିତ୍ର ହୋଇଯାଇଛି । ଆଉ ଦେବତା ତ ନୁହନ୍ତି; ହର ପାର୍ବତୀ କଥା । ଦାଣ୍ଡ ବଙ୍ଗଳା ପାଖରେ ଯେଉଁ ସାନ ଗମ୍ଭୀରି ଘର ଅଛି ସେହି ଘରଟି ପବିତ୍ର । ସେ ଘର ନିରୋଳ ହେବ । ଖୁବ୍ ସାବଧାନ । ସେ ଘରେ ତିର୍ଲୋକ ଛାଇ ପଡ଼ିଲେ – ପାଟି ଶୁଭିଲେ ଧ୍ୟାନ ଫଳ ମିଳିବ ନାହିଁ, ସବୁ ଅକାରଣ ହୋଇଯିବ । ସାବଧାନ । ସେ ପ୍ରସ୍ତରେ କେହି ତିର୍ଲୋର ଛାଇ ପଡ଼ିବ ନାହିଁ – ପାଟି ବି ଶୁଭିବ ନାହିଁ ।

ସାଆନ୍ତାଣୀ ବାବୁଙ୍କ କଷ୍ଟ କଥା ମନରେ ପକାଇ ଭାରି ମନଦୁଃଖ କରି ଘର ଭିତରକୁ ଚାଲିଗଲେ । ସେତିକିବେଳେ ରୋଷେୟା ବ୍ରାହ୍ମଣ ଆସି ପଚାରିଲା, 'ଆଜ୍ଞା ! ଆଜି ରୋଷେଇ କଣ ହେବ ?'

ସାଆନ୍ତାଣୀ – ଆଜି ବାବୁଙ୍କର ଓପାସ, ମୁଁ ଆଉ କଣ ଖାଇବି ? ରୋଷେଇବାସ ସବୁ ବନ୍ଦ ।

ରୋଷେୟା ବ୍ରାହ୍ମଣ ଟିକିଏ ମୁରୁକୁହସା ଦେଇ ଚାଲିଗଲା । ମନରେ କଲା, ଆମ ସାଆନ୍ତାଣୀ ଗୋଟିଏ ଅଦ୍ଭୁତ ସ୍ତ୍ରୀ, ସ୍ୱାମୀ ଉପରେ ଭକ୍ତିର ସୀମା ନାହିଁ, ବାବୁ ଟିକିଏ ବାଧକି ପଡ଼ିଲେ, ଆପେ ନ ଖାଇ ନ ପିଇ ଦିନଯାକ ପାଖରେ ବସି ସେବା କରୁଥିବେ, ବାବୁଙ୍କର ଟିକିଏ ନିନ୍ଦାକଥା ଶୁଣିଲେ କାନ୍ଦି ପକାଇବେ, ଆଉ ରାଗିଲେ ତ ବାଡ଼ି ପଡୁ ଛାଞ୍ଚୁଣୀ ପଡୁ ଯାହା ହାତରେ ପଡୁ ବାଡ଼େଇବାକୁ ଧାଇଁବେ- ଯାବତ ଖରାପ କଥାରେ ଗାଳିଦେବେ । ହେଲେ ସାଆନ୍ତାଣୀଟି ବଡ଼ ଭଲ, ବଡ଼ଲୋକ ଝିଅ, ବଡ଼ଲୋକ ବୋହୂ, ମନ ବି ସେଇପରି ବଡ଼ । ମାତ୍ର ଟିକିଏ ରାଗୀ; ମୁହଁଟା ବଡ଼ କଡ଼ା ।

ବାବୁ ମକ୍ରା ଚାକର ଟୋକାକୁ ଦାଣ୍ଡପଟକୁ ଡାକି ଖୁବ୍ ତୁନି ତୁନି ଖୁବ୍ ସାକୁଲେଇ ସାକୁଲେଇ କହିଲେ, "ଶୁଣ ମକରୁ, ଗୋଟାଏ କାମ ମୋ ପାଇଁ କରିବୁ । ଏହି କମଳ ଖଣ୍ଡ ଘୋଡ଼ିହୋଇ ଗମ୍ଭୀରି ଭିତରେ କବାଟକୁ ଆଉଜି ଶୋଇଥା । ରାତି ଘଡ଼ିକ ସରିକି ମୁଁ ଲେଉଟି ଆସିବି; ତେତେବେଳଯାଏ ଶୋଇଥିବୁ । ଖବରଦାର ! ଘରୁ ବାହାରିବୁ ନାହିଁ ।"

ମକ୍ରା – ଆଜ୍ଞା ନା; ଆଜ୍ଞା ନା; ମୁଁ ପାରିବି ନାହିଁ, ସାଆନ୍ତାଣୀ ଗାଳି ଦେବେ; ଖପା ହେବେ ।

ବାବୁ ଖପା ହୋଇ କହିଲେ, "ପାଜି, ଦୃଷ୍ଟ, ଭୂତ । ମୋ କଥା ଶୁଣିବୁ ନାହିଁ ? ଜାଣୁ, ବାଡ଼େଇ ପକାଇବି ।" ଟିକିଏ ବାଦ୍ କହିଲେ, "ନାହିଁରେ ମକରୁ ନାହିଁରେ, ମୁଁ ତୁଚ୍ଛା ଟାପରା କରୁଥିଲି । ଦେଖ ମକରୁ, ତୁ କେନ୍ଦ୍ରାପଡ଼ା ମାମୁଘରକୁ ଯିବୁ କହୁଥିଲୁ, କାଲି ଯିବୁ । ଚାରିଦିନ ଛୁଟି ଦେଲି, ଏଇ ନେ ଚାରିଟା ଟଙ୍କା ଖରଚ କରିବୁ, ଆଉ ତୋତେ ଗୋଟାଏ ଅଙ୍ଗା କିଣିଦେବି ।"

ମକରୁ ଆଉ କିଛି ନ କହି କମ୍ବଳ ଘୋଡ଼ିହୋଇ ଗମ୍ଭୀର ଭିତରେ ଧାରଣା ଦେଇ ଶୋଇଲା ।

ଏଣେ ସାଆନ୍ତାଣୀଙ୍କ ମନରେ ସୁଖ ନାହିଁ । ଗାଧୋଇ ଆସି ଆପଣା ଶୋଇବା ଘରେ ଖଣ୍ଡେ ଆସନ ପାରି ବସିଲେ । ଯେତେ ଠାକୁର ଦେବତାଙ୍କ ନାମ ମନରେ ପଡ଼ିଲା, ବାବୁଙ୍କ ଗ୍ରହ ଅବଳ ଶାନ୍ତପାଇଁ ପ୍ରାର୍ଥନା କଲେ । ଧବଳେଶ୍ୱରଙ୍କୁ ସହସ୍ର କୁମ୍ଭ ପଞ୍ଚାମୃତ ମାନିଲେ । "ହେ ମା କଟକଚଣ୍ଡୀ! କାଳିଗଳିର କାଳୀ ଠାକୁରାଣୀ ! ବାବୁଙ୍କ ଦେହ ଭଲ ହୋଇଯାଉ; ମୁଁ ଦୁହିଙ୍କୁ ଦୁଇଖଣ୍ଡ କଳାକସ୍ତା ଶାଢ଼ି; ଯୋଡ଼ାଏ କଳା ବୋଦା ବଳି ଦେବି ।" ଏହିପରି ଠାକୁର ଦେବତାଙ୍କୁ ଡାକୁ ଡାକୁ ଦିନ ତିନିପହର ବିତିଗଲାଣି । ମନରେ କଲେ; ଧ୍ୟାନରୁ ଉଠି କଣ ଖାଇବେ ? ଅନ୍ନ ତ ଛୁଇଁବେ ନାହିଁ; ଫଳାହାର କରିବେ । ପାଚିଲା କଦଳୀ, ନଡ଼ିଆ, ଛେନା, ଦୁଧ, ଦହି ସବୁ ସଜିଲ କରି ଘରେ ଥୋଇଦେଲେ । ଥରକୁ ଥର ବାହାର ଛାଇକୁ ଅନାଉଛନ୍ତି, ଆଉ ଦିନ ଦୁଇଘଡ଼ି ଅଛି – ମଝି ବାହାର ଖରା ଚାଲି ଉପରକୁ ଉଠିଗଲାଣି । ହାତରେ ଆଉ କିଛି ପାଇଟି ନାହିଁ, ଘର ବାହାରେ ନହର ପହର ହେଉଛନ୍ତି । ସନ୍ଧ୍ୟା ହୋଇ ଆସିଲା, ଧୀରେ ଧୀରେ ଗମ୍ଭୀରି ଦୁଆର ପାଖକୁ ଗଲେ । ବାବୁ କହିଛନ୍ତି, ତିର୍ଲାଲୋକ ଛାଇ ପଡ଼ିବ ନାହିଁ । ତଳେ ଚାରିପାଖକୁ ଅନାଇଲେ, ନାହିଁ ତ ଛାଇ ପଡ଼ି ନାହିଁ! କାଳେ ପାଟିରୁ କଥା ବାହାରି ପଡ଼ିବ, ଆପଣା ପଣତକାନି ପାଟିରେ ଜାକିଦେଲେ, ଅଳ୍ପ ଟିକିଏ କବାଟ ମେଲେଇ ଦେଲେ, ଘର ଭିତରଟା ଭଲ ଦିଶୁ ନାହିଁ, ଅନ୍ଧାରିଆ, ବାବୁ ସ୍ଥିର ହୋଇ ଧ୍ୟାନରେ ପଡ଼ିଛନ୍ତି । "ହାୟ ! ହାୟ ! ବାବୁଙ୍କ କେତେ ବାଧୁଥିବ ? ହେ ଠାକୁର ଦେବତାମାନେ ! ମୋ' ବାବୁଙ୍କୁ ଭଲ କରିଦିଅ । ଦେବତାମାନେ ସତ ଅଛନ୍ତି, ଦୁଃଖୀର ଗୁହାରି ଶୁଣନ୍ତି, ମୁଁ କେତେ ପ୍ରାର୍ଥନା କଲି, ବାବୁଙ୍କ ନିଶାଖିଆ ଛାଡ଼ାଇଦେଲେ । ମା' କାଳୀ ଠାକୁରାଣୀ ! ବାବୁଙ୍କ ଦେହ ଭଲ କରିଦିଅ । ଗୋଟାଏ "କାଳିଆ ବୋଦା, ଆଉ ଗୋଟାଏ କାଳିଆ କୁକୁଡ଼ା ବଳି ଦେବି ।" ଭୂଇଁରେ ମୁଣ୍ଡ ଲଗାଇ ଠାକୁର ଦେବତାଙ୍କୁ ଢେର୍ ଥର ଜୁହାର କଲେ ।

ତହିଁବାଦେ ଅଳ୍ପ ଦୁଆର ମେଲାକରି ଭିତରକୁ ଯେମିତି ଗୋଡ଼ ବଢ଼େଇ ଦେଇଛନ୍ତି, ଅନ୍ଧାରିଆ – କମ୍ବଳ ଭଲ ଦିଶୁ ନାହିଁ, ଏକାବେଳକେ ବାବୁଙ୍କ ମୁଣ୍ଡରେ ଗୋଡ଼ ପଡ଼ିଗଲା । ଜିଭ କାମୁଡ଼ି ପଛକୁ ନେଉଟି ପଡ଼ିଲେ, କାନ୍ଦି ପକାଇଲେ, 'ହାୟ ! ମୁଁ କେଡ଼େ ଅପରାଧ କଲି ।' ହାତ ଯୋଡ଼ି ବାବୁଙ୍କ ଉଦ୍ଦେଶ୍ୟରେ, ଠାକୁର ଦେବତାଙ୍କ ଉଦ୍ଦେଶ୍ୟରେ ଢେର୍ ଥର କ୍ଷମା ମାଗିଲେ । ତହିଁ ଉତ୍ତାରେ ଧୀରେ ଧୀରେ ଭଲକରି ଅନାଇ ଭିତରକୁ ଗଲେ । ବାବୁଙ୍କ ଦୁଇ ଗୋଡ଼ ତିନି ତିନିଥର ମୁଣ୍ଡରେ ଲଗାଇ ଜୁହାର କଲେ । ଜୁହାର କଲାବେଳେ କମ୍ବଳ ଗୋଟାଯାକ ଥରିଯାଉଥାଏ । ଜୁହାରବେଳେ ବାବୁଙ୍କ ଗୋଡ଼ରୁ, ହାତକୁ ଝାଳ ଲାଗିଲା ।' ହାୟ ! ହାୟ ! ବାବୁ ଝାଳରେ ବୁଡ଼ିଗଲେଣି ।' ପଣତ କାନିରେ ଗୋଡ଼ ପିଠି ଭଲକରି ପୋଛିଦେଲେ । ମୁହଁ ପୋଛିବାକୁ ଯାଇ ଦେଖିଲେ, ମୁଛ ହାତକୁ ଲାଗିଲା ନାହିଁ । 'ଏଁ- ଏ କଅଣ ? ବାବୁଙ୍କ ମୁଛ କାହିଁ ।' ଦୁଇଥର ଅଣ୍ଡାଳିଲେ, ତିନିଥର ଅଣ୍ଡାଳିଲେ, 'ନାହିଁ ତ- ମୁଛ କାହିଁ ?' ଭାରି ସନ୍ଦେହ ହେଲା, କବାଟଟା ଭଲକରି ମେଲାଇ ଦେଇ ଅନାଇଲେ, କମ୍ବଳଟା ଟାଣି ପକାଇଲେ । ଭାରି ରାଗିଯାଇ ପଛକୁ ଡ଼େଇଁପଡ଼ି ପାଟିଟାଏ କରି କହିଲେ, "ଡାକୁଣୀଖିଆ- ଅଳପାଇସିଆ ନଈସୁଆ, କିରେ ମକ୍ରା, ତୁ ଏଠି କିଁୟା ପଡ଼ିଛୁ ରେ ?" ମକ୍ରା ଆଉ କ' ଣ କହିବ ? ଚୋରଟି ପରି ହାତ ଯୋଡ଼ି କାଛକୁ ଆଉଜି ତୁନିହୋଇ ଛିଡ଼ା ହୋଇଛି । ସାଆନ୍ତାଣୀ ଘଡ଼ିଏ ଯାଏ ଗର୍ଜନ କରି ଥକି ପଡ଼ିଲେଣି । ତାହାବାଦେ ମନରେ ବିଚାର କଲେ- ନାହିଁ ନାହିଁ, ଗୋଳମାଳ କଲେ ଭଲ ହେବ ନାହିଁ । ଅସଲ କଥାଟା କ' ଣ ବୁଝିବାକୁ ହେବ । ମକ୍ରାକୁ ସଲାରେ ରଖିବାକୁ ହେବ । ଧୀରେ ଧୀରେ କଅଁଳେଇ କଅଁଳେଇ କହିଲେ, "ଆରେ ମକରୁ ! ତୁ ମାମୁଘରକୁ ଯିବୁ କହୁଥିଲୁ ପରା ? ଯା- କାଲି ଯିବୁ । ଏଇ ନେ ଚାରିଟା ଟଙ୍କା, ବାଟ ଖରଚ କରିବୁ, ଖଜା କିଣି ଖାଇବୁ । କାଲି ତୋତେ ଗୋଟାଏ ମାଣିଆବନ୍ଦି ଯଥା ଦେବି, ପିନ୍ଧିବୁ । ଉଛୁଣି କିଛି ପାଟି କର ନା – ଯା, ରୋଷେଇଘର କଣରେ ତୁନି ହୋଇ ବସିଥିବୁ ।"

ମକ୍ରା ମନରେ କରିଥିଲା, ସାଆନ୍ତାଣୀ ବାଡ଼େଇ ପକେଇବେ । ଏ' କ' ଣ, ନଗଦ ସାଙ୍ଗେ ସାଙ୍ଗେ ଚାରିଟା ଟଙ୍କା, ପୁଣି ଯୋଡ଼ାଏ ଲୁଗା ମିଳିବ । ମନରେ ଆନନ୍ଦଟା ସମ୍ଭାଳି ପାରୁ ନାହିଁ । ସାଆନ୍ତଙ୍କ ଟଙ୍କା ପୁଞ୍ଜାକ ଅଣ୍ଟିରେ ଖୋଷିଥିଲା; କାଢ଼ି ଏ ଟଙ୍କା ସାଙ୍ଗରେ ମିଳେଇ ଦୁଇଥର ତିନିଥର ଗଣିଲା । ଆଠଟଙ୍କା ଭଲକରି ଅଣ୍ଟିରେ ଖୋଷି ରୋଷେଇଘର କଣରେ ଲୁଚିଲା । ସାଆନ୍ତାଣୀ ଗମ୍ଭୀରି ଭିତରେ ମକ୍ରା ଜାଗାରେ ଧାରଣା ଦେଇ ପଡ଼ିରହିଲେ ।

ରାତି ପହରକ ସରିକି ଚନ୍ଦ୍ରମଣିବାବୁ ଟୁନି ଟୁନି ଆସି ଗମ୍ଭୀରି ଦୁଆରେ ପହଞ୍ଚିଗଲେ, ପୂରା ନିଶା, ଚାଲିବେଳେ ଗୋଡ଼ ଟଳିଯାଉଛି, କଥା ଖନି ବାଜୁଛି, ଧଡ଼୍‌କରି କବାଟଟା ମେଲେଇ ଦେଲେ । ମକ୍ରା ଧାରଣା ଦେଇ ପଡ଼ିଛି । ବାବୁ ଭାରି ଖୁସିଟାଏ ହୋଇ ନାଚି ନାଚି ଗୀତ ଆରମ୍ଭ କଲେ

'ବାହାବା ମଜାଦାର!

ମଦ ଗଞ୍ଜା ଗୁଣ ଯେ ଜାଣେ ସେଇ ତ ସମଜଦାର ।'

"ଉଠ ଭାଇ ମକ୍କୁ ! ସାବାସ୍ ବାବା ମକ୍କୁ ! ମେରି ଦୋସ୍ତ ମକ୍ରାମ୍ । ଶୁଣ ମକ୍ରା, ଉଠ, ଉଠ । ଏଥର କୋଉଁ ଶଳା, ଶାଳୀକୁ ଡରରେ ? ମକ୍ରା ! ଆଜିକା ମଜା କଥା ତତେ କ' ଣ କହିବି ? ତୋ ସାଆନ୍ତାଣୀ ପୋଇଲୀଟା, ଦି' ମାସ ହେଲା ଅଟକାଇଛି - ପାଟି ପଡ଼ିଯାଇଥିଲା - ଦି' ମାସର ମଜା ଦିନକେ ଫତେ । ଆରେ ସେ କ' ଣ ଆଜିକା କଥା ? ତା' ସାଙ୍ଗରେ ତିନି ବରଷର ଦୋସ୍ତି, ପ୍ରୀତି । ସେଇ ଯେ ଗୋପାଳବାବୁ ଦୁଆରକୁ ନାଚିବାକୁ ଆସିଥିଲା, ସେଇଦିନୁ ଦୋସ୍ତି । ସାବାସ୍ । ମଜେଦାର ! ତା' ନାମ କ' ଣ ଜାଣୁ ? ତୋ ସାଆନ୍ତାଣୀ ନାମଟା ହେଲା, ସୁଲ ଚୂନା । ସୁଲ କ' ଣ ନା, ପୋଖରୀରେ ହୁଏ, ଚୂନା ଚକୁଳି ପିଠା ହୁଏ । ଛି, ଛି, ଛି ! କି ଅପରିଛନିଆ ନାମ । ତା' ନାମ ଉସ୍-ମାନ୍-ତା-ରା ! ବାହାବା ମଜେଦା ର! ଜିତେ ରହ ମେରି ଉସ୍‌ମାନ ତାରା । ନାମଟା ଯିମିତିକା, ଗୁଣ ବି ସେଇ ରକମ । ଗୁଣ ତ ଗୁଣ ଉସମାନ ତାରା - କ୍ୟା ମଜେଦାର । ଦେଖ ତ ମକ୍ରାମ୍, ତା' ର କେତେ ବୁଦ୍ଧି, କେତେ ମେହେରବାନି, ପୁରୁଣା ଦୋସ୍ତି ଭୁଲିପାରି ନାହିଁ । କାଲି ଆସି ଯିମିତି କଟକରେ ଗୋଡ଼ ଦେଇଛି, ମୋତେ ଡାକି ପଠାଇଛି । ମୁଁ ତ ତାକୁ ଦେଖି ନିଧି ପାଇଗଲି, ସେ ତ ଆନନ୍ଦରେ ହସି ହସି ଢଳି ପଡ଼ିଲା । ମୁଁ ବିଛଣାରେ ବସିଛି କି ନା ଲାଗିଲା ମାଲର ଧୁମ୍ । ସବୁ ଠିକ୍ ଠାକ୍ ସଜିଲ କରି ରଖିଛି । ଟିପା ଗଞ୍ଜେଇ - ମଦତ ହୁକା - ମେରୁ, ସବୁ ଠିକ୍ । ଆଗ ଫିଟିଲା ମାଲ ବୋତଲ । ଆସ୍କା ରମ୍ ନୁହେଁ; ଅସଲ ବିଲାତୀ ନମ୍ବର ଉଆନ । ତୁ ଯେବେ ଗ୍ଲାସେ ଟାଣି ଦିଅନ୍ତୁ, ଦେଖନ୍ତୁ ମଜା । ଆମେ ଦି' ଜଣ ସଙ୍ଗେ ସଙ୍ଗେ ବୋତଲ ଖାଲି କରିଦେଲୁଁ । ଖାଲି - ର - ତୁଚ୍ଛା - ର, ଟୋପାଏ ପାଣି ନାହିଁ । ତୋ ସାଆନ୍ତାଣୀ ରୋଜ ନିଜେ ତିଆରି କରେ ପୁରି, ସରଭଜା, କ୍ଷୀରୀ । ଆରେ ଛି ! ସେଗୁଡ଼ାକ ତ ବିରାଡ଼ି ଖାଏ । ସେ ଯେ କରି ରଖିଥିଲା ଲୁଣିଆ ବୁଟ-ଭଜା - ଶୁକୁଆପୋଡ଼ା, ମାଲ ସାଙ୍ଗକୁ ମଜାଦାର; ପେଟେ ମାରିଦେଲି । ଦେ ମଜାଦାର ! ତୋ ସାଆନ୍ତାଣୀକୁ ଚିତାଦେଇ କିମିତିକା ଦଶଟଙ୍କା ମାରି ନେଇଥିଲି । ସେସବୁ ମଉଜ ଜାଗାକୁ ତୁଚ୍ଛା ହାତରେ କେହି ଯାଏ ? ତା' ଆଗରେ ଟଙ୍କା ଯେମିତି ଥୋଇଦେଇଛି, ଟିକିଏ ଚାହିଁଦେଇ ମୁହଁ ମୋଡ଼ିଦେଲା । ମୁଁ ହୁସିଆର ମଣିଷ, ତୋ ସାଆନ୍ତାଣୀ ପରି କ' ଣ ହେଣ୍ଡା ? ବୁଝିପାରିଲି, ପସନ୍ଦ ହେଲା ନାହିଁ । କିମିତି ପସନ୍ଦ ହେବରେ ? ଦିନେ ରାତିରେ ମଜୁରା କଲେ ଶହ ଶହ ପାଏ । ମୁଁ କହିଆସିଛି କାଲି ଶହେ ଟଙ୍କା ଦେବି । ସେ ହସି ହସି କହିଲା, 'ଟଙ୍କା କ' ଣ ହେବ ? ତୁମେ ଆସିବ ।' ସତ ସତ, ସେ କ' ଣ ଟଙ୍କା ଚାହେଁ ? ଚାହେଁ ମୌଜ । ସେ ଟଙ୍କା ଚାହେଁ ନାହିଁ, ତା' ର କ' ଣ ଟଙ୍କାର ଅଭାବ ? ହେଲେ ମୁଁ କ'ଣ ଅସତ୍ୟା ହେବି ? ଜବାବ ଦେଇଛି ତ, ଟଙ୍କା ଦେବି । 'ମରଦ କି ବାତ୍ ହାତୀକା ଦାନ୍ତ ।' କାଲି ଟଙ୍କା ଶହେ କୋଉଠୁ ଆଣିବି ଜାଣୁ ? ହୋ ହୋ । ବଡ଼ ମଜା । ତୋ ସାଆନ୍ତାଣୀ ନାଟବନ୍ଦି ଟଙ୍କା ସେହି ସିନ୍ଦୁକରେ ରଖିଛି । ଗୋଟାଏ ଲୁହାକଣ୍ଟାରେ ସିନ୍ଦୁକଟା ଫିଟାଇ ପକାଇ ଆଚ୍ଛାକରି ଚିତା ଦେବି । ଦି' ତିନିଥର ଟଙ୍କା ନେଲିଣି । ସାଆନ୍ତାଣୀଙ୍କ ବୋପା, ତା' ଗୋସାଇଁବୋପା ବି ବୁଝିପାରିବ ନାହିଁ । ସିନ୍ଦୁକରେ ଢେର୍ ଟଙ୍କା ରଖିଛି, ମୋ ହାତରେ ପଡ଼ିଗଲେ କଟକର ଫାଙ୍କେ ମଉଜରେ ଭସାଇ ଦିଅନ୍ତି । ତୋ ସାଆନ୍ତାଣୀ ଯଦି ଗିଲାସେ ମଦ ଟାଣି ଦିଅନ୍ତା, ବୁଝନ୍ତା କେଡ଼େ ମଉଜ । ସେ ମଉଜ ବୁଝିଛି ଉସ୍-ମାନ୍-ତାରା । ଏଇଟା କାଠ ମୂର୍ତ୍ତିଟାଏ! ଆଜି ମାଲ ସାଙ୍ଗରେ ପେଟେ ଚାଟ୍ ପକେଇଛି । ତୋ ସାଆନ୍ତାଣୀ ବାପ ଶଳା ବି ସାତ ଜନ୍ମରେ ଦେଖି ନ ଥିବ ।"

ସାଆନ୍ତାଣୀ କମଳ ଖଣ୍ଡକ ପାଞ୍ଚହାତ ଦୂରକୁ ଫୋପାଡ଼ିଦେଇ ଡେଇଁ ପଡ଼ିଲେ । ଭାରି ଗୋଟାଏ ଗର୍ଜନ କରି କହିଲେ, "କ' ଣ କହିଲୁ, କ' ଣ କହିଲୁ ମଦୁଆ, ଯୋଗନୀଖିଆ । ମୋ ବାପ ତୋ ଶଳା । ଦିନଯାକ ଯାଇ କେଉଁଠି ପଡ଼ିଥିଲୁ ରେ ? ହୁଁ କ' ଣ – ଉସ୍‌ମାନ ତାରା ?"

ବାବୁ ତ ଡରରେ ଛାନିଆ ହୋଇଗଲେଣି, ଚଞ୍ଚଳ କହି ପକାଇଲେ "ନା – ନା, ମୁଁ କାହିଁ ଯାଇ ନାହିଁ, ଟିକିଏ ବାହାରକୁ ପ୍ରସାବ କରିବାକୁ ଯାଇଥିଲି – ତୁମ ରାଣ, ତୁମ ମୁଣ୍ଡ ଛୁଉଁଛି ।"

ସାଆନ୍ତାଣୀ ତ କ୍ରୋଧରେ ଅଜ୍ଞାନ । "ହଁ ରେ ମୋ ମୁଣ୍ଡ ଛୁଇଁଲୁ, ମୋ ମରିବାକୁ ଚାହିଁଛୁ ?"

ଘରେ ଗୋଟାଏ ଛାଞ୍ଚୁଣୀ ପଡ଼ିଥିଲା; ସେଇଟା ଧରି ଦେ ପ୍ରହାର – ପ୍ରହାର – ମୁଣ୍ଡରେ, ପିଠିରେ, ହାତରେ ଯେଉଁଠି ବାଜୁ । ବାବୁ ସମ୍ଭାଳି ପାରିଲେ ନାହିଁ, ଦେ ଦୌଡ଼ ! ନିଶା ଝୁଙ୍କରେ ଗୋଡ଼ ଟଳମଳ ହେଉଛି । ଦୁଲଦାଲ ପଡ଼ିଗଲେ । ତା' ଉପରେ ବି ପାଣି ଅସରା ପରି ଛାଞ୍ଚୁଣୀ ପଡୁଛି ।

ସାଆନ୍ତାଣୀ ଥକିଯିବାରୁ ଘର ଭିତରକୁ ଯାଇ ଭୂଇଁରେ ଲଥ୍ କରି ଶୋଇ ପଡ଼ିଲେ । ଆକୁଳ ହୋଇ କାନ୍ଦୁଛନ୍ତି । କାନ୍ଦୁ କାନ୍ଦୁ ଯେତେ ଠାକୁର ଦେବତା ମନରେ ପଡ଼ିଲେ, ସମସ୍ତଙ୍କୁ ଡାକି କ୍ଷମା ମାଗିଲେ "ହେ ଠାକୁର ଦେବତାମାନେ ! ମୋତେ କ୍ଷମାକର, ମୋ ଦେବତା ସ୍ୱାମୀକୁ ବାଡ଼େଇଛି, ବଡ଼ ଅପରାଧ କରିଛି, ଦୋଷ କ୍ଷମାକର, ଆଉ ମୋ ସ୍ୱାମୀକୁ ସୁବୁଦ୍ଧି ଦିଅ ।" ରାତି ପାହିଗଲାଣି । ସାଆନ୍ତାଣୀ ରାଗଟା ବି ଚାଲିଗଲାଣି, ଧୀରେ ଧୀରେ ଯାଇ ଦେଖିଲେ, ବାବୁ ଠା ଭୂଇଁରେ ପଡ଼ିଛନ୍ତି । ନିଶା ଛାଡ଼ିଗଲାଣି, ସକାଳେ ଶୀତଳ ପବନ ଲାଗି ଭାରି ନିଦଟାଏ ହୋଇଛି । ଘଡ଼ଘଡ଼ କରି ନାକ ଡାକୁଛି । ସାଆନ୍ତାଣୀ ଅନାଇ ଦେଖିଲେ, ପିଠି ହାତ ଗୋଡ଼ ଜାଗା ଜାଗା ଛାଞ୍ଚୁଣୀମାଡ଼ରେ ଫୁଲିଯାଇଛି । ଗୋଟାଏ ଗୋଟାଏ ଜାଗାରେ ରକ୍ତ ବହି ଶୁଖିଗଲାଣି । ଏ ସବୁ ଦେଖି ଭାରି ଆକୁଳରେ କାନ୍ଦିଲେ– "ହାୟ ! ମୁଁ କ' ଣ କଲି ସ୍ୱାମୀ ଦେବତାଙ୍କୁ ଛାଞ୍ଚୁଣୀରେ ବାଡ଼େଇଲି ! ହାୟ ! ହାୟ ! ମୋ ଦଶା କ' ଣ ହେବ ?" ଆଉ ଥରେ ଡାକିଲେ – "ଠାକୁର ଦେବତାମାନେ ! ମୋ ଦୋଷ କ୍ଷମା କର ।" ଝରଝର ହୋଇ ଦୁଇଆଖିରୁ ଦୁଇଧାର ବହୁଛି । ଗିନାଏ ରାଶିମାଲପା ଆଣି ଫୁଲା ଜାଗାମାନଙ୍କରେ ଧୀରେ ଧୀରେ ଘଷି–ଦେଲେ ଆଉ ଗିନାଏ ମାଲପା ଆଣି ଦେହଯାକ ଲଗାଇ ଦେଲେ । ଦିନ ଦୁଇଘଡ଼ିସରିକି ବାବୁଙ୍କ ନିଦ ଭାଙ୍ଗିଲା । ଟିକିଏ ଅନାଇଦେଲେ, ସାଆନ୍ତାଣୀ ପାଖରେ ବସିଛନ୍ତି । ମନରେ ଭାରି ଗୋଟାଏ ଡର ପଶିଗଲା, କେଜାଣି ଆଉଥରେ ବା ଛାଞ୍ଚୁଣୀରେ ବାଡ଼େଇ ପକେଇବେ । ଆଉ ନିଦ ତ ନାହିଁ, ଆଖି ବୁଜି ଘାଲେଇ ପଡ଼ିଥାନ୍ତି । ଆଉଥରେ ଧୀରେ ଧୀରେ ଅନାଇ ଦେଖିଲେ, ସାଆନ୍ତାଣୀଙ୍କର ରାଗର ଚିହ୍ନ ନାହିଁ । ଦୁଇ ଆଖିରୁ ଦୁଇଟା ଧାରା ବହିଯାଉଛି, ଧୀରେ ଧୀରେ ଗୋଡ଼ରେ ତେଲ ଘଷି ଦେଉଛନ୍ତି । ସାଆନ୍ତାଣୀ ବୁଝିପାରିଲେ ବାବୁଙ୍କର ନିଦ ଭାଙ୍ଗିଲାଣି । ଚାରିମାଠିଆ ଜଳ ଅଣାଇ ଶୋଇବା ଜାଗାରେ ଥୋଇଲେ – ବାବୁଙ୍କ ହାତ ଧରି ଉଠାଇ ବସାଇଲେ । ମୁଣ୍ଡରେ ଦେହରେ ଜଳ ଢାଳି ଭଲକରି ସ୍ନାନ କରାଇଦେଲେ । ବାବୁଙ୍କର ନିଶାର ଖେଉରିରେ ଦେହଟା ଜଳୁଥିଲା, ଜଳ ପଡ଼ି ବଡ଼ ଆରାମ ଲାଗୁଥାଏ । ଆଖି ବୁଜି ଠାକୁରଟି ପରି ଧୀର ହୋଇ ବସିଥାନ୍ତି । ସାଆନ୍ତାଣୀ ଶୁଖିଲା ଲୁଗା ପିନ୍ଧାଇ ଦେଲେ । ରୋଷେୟା ଭାତ ପରଷିଗଲା । ସାଆନ୍ତାଣୀ ବଳେଇ ବଳେଇ ଦି' ଟା ଭୋଜନ କରାଇଲେ; ତହିଁବାଦେ ଭଲ କରି ଶେଯଟା ପାରି ବାବୁଙ୍କୁ ଶୁଆଇ ଦେଲେ । କାଲିଠାରୁ ସାଆନ୍ତାଣୀଙ୍କର ଓପାସ, ଆଜି ବି ଜଳସ୍ପର୍ଶ ନାହିଁ । ସ୍ୱାମୀଙ୍କ ଗୋଡ଼ତଳେ ବସି ହାତ ବୁଲାଉଛନ୍ତି । ଦିନଯାକ ଆଖିରୁ ପାଣି ଶୁଖିବାକୁ ନାହିଁ । ମନ ମଧ୍ୟରେ ଠାକୁର ଦେବତାଙ୍କୁ ଡାକୁଛନ୍ତି, "ହେ ପ୍ରଭୁ ! ମୋ ଦୋଷ କ୍ଷମାକର, ମୋ ସ୍ୱାମୀଙ୍କୁ ସୁବୁଦ୍ଧି ଦିଅ ।" ଦିନଯାକ ସ୍ୱାମୀ ସ୍ତ୍ରୀ କାହାରି ମୁହଁରୁ କଥା ବାହାରି ନାହିଁ, ଘରେ ଚାକର ଚାକରାଣୀ ମଧ୍ୟ ସମସ୍ତେ ତୁନିତାନି । ସ୍ୱାମୀ ସ୍ତ୍ରୀ କେହି କାହାରି ମୁହଁକୁ ଲାଜରେ ଭରସି ଚାହିଁ ପାରୁନାହାନ୍ତି । ପରସ୍ପର ଦୁହେଁ ଆପଣା ଆପଣାକୁ ଅପରାଧୀ ମଣି ମନତୁଷ୍ଟି ପାଇଁ ସାଧ୍ୟାନୁସାରେ ଚେଷ୍ଟା କରୁଥାନ୍ତି । ବାବୁଙ୍କ ମନ ମଧ୍ୟରେ ପ୍ରତିଜ୍ଞା, ଆଜିଠାରୁ ସବୁ ନିଶା ଗୋରକ୍ତ, ବିଷ୍ଟା ।

ଦୁଇମାସ ଗଲା, ଚାରିମାସ ଗଲା, ଛ' ମାସ ଗଲାଣି । ସାଇପଡ଼ିଶା, ଜ୍ଞାତି ବନ୍ଧୁ-ବାନ୍ଧବମାନେ ଦେଖିଲେ, ଚନ୍ଦ୍ରମଣିବାବୁଙ୍କ ଘରେ ରୋଜ ସକାଳେ ଯେ ଦୁଇ ଜଣଙ୍କ ମଧ୍ୟରେ ଭଟ୍ ଭଟ୍ ଲାଗିଥାଏ, କିଛି ଶୁଣାଶୁଣି ନାହିଁ । ଦୁଇଜଣ ଏକ ଜାଗାରେ ବସି ହସି ଖୁସି କଥାବାର୍ତ୍ତା କରନ୍ତି, କିତାବ ପଢ଼ନ୍ତି । ଉତ୍କଳ ସାହିତ୍ୟ, ମୁକୁର, ଦୀପିକା ଖବରକାଗଜ ପଢ଼ନ୍ତି । ବାବୁ ହେଣ୍ଡ୍‌ନୋଟରେ ଢେର୍ ଟଙ୍କା ଦେଣା କରି ପକାଇଥିଲେ, ବର୍ଷଟା ଭିତରେ ଅଧାଅଧି ଶୁଝିଗଲାଣି । ବାବୁ ଘରୁ ବାହାରନ୍ତି ନାହିଁ । କେଉଁ ଜାଗାରୁ ନାଟ ତାମସାର ନିମନ୍ତ୍ରଣ ଆସିଲେ ସାଆନ୍ତାଣୀ ହେଣ୍ଟାରିଲେ, ପେଲାପେଲି କଲେ ବି ବାହାରୁ ନାହାନ୍ତି । ଦିନେ ଦିନେ ସଞ୍ଜବେଳେ ଦୁଇଜଣ ବଗିଟିରେ ବସି ସହରଯାକ ବୁଲି ଆସନ୍ତି । ସହର ଲୋକେ ସାଙ୍ଗସୁଙ୍ଗା ବାବୁମାନେ ଦେଖିଶୁଣି ଆଶ୍ଚର୍ଯ୍ୟ । ଆରେ କଥା କ' ଣ ? ବାବୁଙ୍କ ବାପେ ଜମିଦାର ଶ୍ୟାମ ପଟ୍ଟନାୟକେ ମାଷ୍ଟର ରଖି ବାବୁଙ୍କୁ ପଢ଼ାଇଥିଲେ । ସ୍କୁଲରେ ବି ପଢୁଥାନ୍ତି । ଏତେ ପଢ଼ିଲେ କ' ଣ ହେଲା ? ବଦ୍‌ସଙ୍ଗରେ ପଡ଼ି ଭାରି ନିଶାଖୋର ହୋଇଗଲେ । କେବଳ ଦିନ ରାତି ବଦ୍‌ଖିଆଲି, ଚରିତ୍ର ଏକାବେଳେ ଗଲା, ରାତିଯାକ ମନ୍ଦଜାଗାମାନଙ୍କରେ ବୁଲାବୁଲି, ଯେତେ ମଦୁଆଲା ମନ୍ଦ ଲୋକ ସାଙ୍ଗ । ଭଲ ଲୋକେ ପାଞ୍ଚଜଣ କହିଲେ, 'ପୁଅ ବିଭାହେଲେ ଚରିତ୍ର ବଦଳିଯିବ ।' ରାମକୃଷ୍ଣ ମହାନ୍ତିଙ୍କର ଗୋଟିଏ ଝିଅ, ପରମା ସୁନ୍ଦରୀ, ଖୁବ୍ ଗୁଣବତୀ । ଜମିଦାରବାବୁ ତାକୁ ବୋହୂ କରି ଆଣିଲେ । ତେବେ ବି ପୁଅ ସୁଧୁରିଲା ନାହିଁ, ଘରୁ ମାଲମତା ନଗଦ ଟଙ୍କା ଚୋରି କରି ଉଡ଼ାଏ, ଦେଣା ପାଞ୍ଚଟଙ୍କା ନେଇ କୋଡ଼ିଏ ଟଙ୍କାର ହେଣ୍ଡ୍‌ନୋଟ୍ ଲେଖିଦିଏ । ଏଣେ ଘର କଥା, ଜମିଦାରୀ କଥା କିଛି ବୁଝିବାକୁ ନାହିଁ । ଜମିଦାରବାବୁ ଦେଖିଲେ ଆଉ ହେବ ନାହିଁ, କୁଳାଙ୍ଗାରଟା ବିଷୟ ସମ୍ପତ୍ତି ସବୁ ଉଡ଼ାଇ ଦେବ । ବୋହୂ ଶ୍ରୀମତୀ ସୁଲୋଚନା ଦେଈ ନାମରେ ଚଳାଚଳ ସମସ୍ତ ସମ୍ପତ୍ତି ଲେଖିଦେଇ ଯାଇଛନ୍ତି । ବାପା ଯେତେ ବୁଝାଇଥିଲେ, ଶ୍ୱଶୁରେ ଆସି ଯେତେ ବୁଝାଇଥିଲେ, କାହିଁରେ କିଛି ହୋଇ ନ ଥିଲା । ହଠାତ୍ ରାତିକ ଭିତରେ ଏଡ଼େ ଭଲ ଲୋକ ପାଲଟିଗଲେ କିପରି ? ଗୋପୀବାବୁ ଜଣେ ମସ୍କରିଆ ଭଳିଆ ଲୋକ, ହସି ହସି କହିଲେ, "ସେଦିନ ରାତିରେ ସାଆନ୍ତାଣୀ ଯେ ଅର୍ଦ୍ଧାଳିଆ ଛାଞ୍ଚୁଣୀ ବୃଷ୍ଟି କରିଥିଲେ ଏଇଟା ତାହାରି ଫଳ । ନିଶା, ବଦଖିଆଲ ଯେତେ ଉତ୍କଟ ରୋଗ, ଛାଞ୍ଚୁଣୀ ପ୍ରହାର ଔଷଧରେ ସବୁ ଛାଡ଼େ ।"

ଶ୍ୟାମଘନବାବୁ ହସି ହସି କହିଲେ, "କାହିଁ ବୈଦ୍ୟଶାସ୍ତ୍ର, ଡାକ୍ତରୀ କିତାବ କାହିଁରେ ଏ ରୋଗକୁ ଔଷଧର ତ ବ୍ୟବସ୍ଥା ନାହିଁ ?"

ଗୋପୀବାବୁ କହିଲେ, "ଆରେ ତୁମେ ବୁଝିଲ ନାହିଁ, ଏଇଟା ହେଲା ସାଆନ୍ତାଣୀଙ୍କର ଆବିଷ୍କାର ।'

## 'ପେଟେଣ୍ଟ ମେଡିସିନ୍ ।'

ପୂର୍ବ ଦୁଷ୍କୃତି ହେତୁ ଯଦି କୌଣସି ସୁନ୍ଦରୀଙ୍କ ସେ – ଅର୍ଥାତ୍ ସେମାନେ ଯଦି ଏପରି ରୋଗଗ୍ରସ୍ତ ହୋଇଥାନ୍ତି, ଲେଖକର ବିନୟ ପୁରଃସର ନିବେଦନମିଦଂ, ଏହି ପେଟେଣ୍ଟ ମେଡିସିନ୍‌ଟା ଥରେ ପ୍ରୟୋଗପୂର୍ବକ ପରୀକ୍ଷାକରି ଦେଖିବେ ।